ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

**News ID-IPR/COVID-19(OD)/ 785/27-11-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୭ ନଭେମ୍ବର,୨୦୨୦**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ଧାରଣ ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ମହାପ୍ରଭୁଙ୍କ ଏହି ଅଲୌକିକ ଯୋଦ୍ଧାବେଶ ସମସ୍ତଙ୍କୁ ଅସୀମ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରୁ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କ କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତୀୟ ରାଜପଥ ୨୧୫ର ରିମୁଳି-ରକ୍ସି-ରାଜାମୁଣ୍ଡା ସେକ୍ସନ୍‌ରେ କାନୁପୁର ସ୍ପିଲ୍ ଚାନେଲ୍ ଉପରେ ଚାରିଥାକିଆ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟକୁ ଜରୁରୀକାଳୀନ ଭିତ୍ତିରେ ଶୀଘ୍ର ଶେଷ କରିବା ପାଇଁ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଏହି କାର୍ଯ୍ୟ ଅଧିକ ବିଳମ୍ବ ହେଲେ ବ୍ୟୟଭାର ବଢ଼ିବା ସହ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ପତ୍ରରେ ପୁନର୍ବାର ଦର୍ଶାଇଛନ୍ତି ଯେ ରାଜ୍ୟ ସରକାର ଜନଜାତି ବହୁଳ କେନ୍ଦୁଝର ଜିଲ୍ଲାର ୨୯,୫୭୮ ହେକ୍ଟର ଜମିକୁ ଜଳସେଚିତ କରିବା ସହ ଆନୁଷଙ୍ଗିକ କାର୍ଯ୍ୟର ତ୍ୱରିତ ରୂପାୟନରେ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବାକୁ ଥିବା କାନୁପୁର ଜଳସେଚନ ପ୍ରକଳ୍ପର ତୁରନ୍ତ ନିର୍ମାଣ ସଂପୂର୍ଣ୍ଣ ନିମନ୍ତେ ସମସ୍ତ ପଦକ୍ଷେପ ନେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ନିତି ଆୟୋଗ ଏହାର ରିପୋର୍ଟ (https://bit.ly/2V7Ivke)ରେ ଓଡ଼ିଶାର କୋଭିଡ୍ ପରିଚାଳନାକୁ ଗୁରୁତ୍ୱ ଦେଇଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଘରେଇ ସହଭାଗିତାରେ ଓଡ଼ିଶା ମହାମାରୀକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଆଗତୁରା ପଦକ୍ଷେପ ସ୍ୱରୂପ ସମସ୍ତ ଜିଲ୍ଲାରେ ଅପ୍ରେଲ ମାସ ପୂର୍ବରୁ ଉତ୍ସର୍ଗୀକୃତ କୋଭିଡ୍ ହସ୍‌ପିଟାଲ୍ ପ୍ରସ୍ତୁତ କରିବାରେ ଅଗ୍ରଣୀ ରାଜ୍ୟ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ରାଜ୍ୟ ସରକାର ଡାକ୍ତର, ନର୍ସ ଏବଂ ପାରାମେଡିକାଲ୍ କର୍ମଚାରୀଙ୍କ ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ଆଗତୁରା ୪ ମାସର ଦରମା ପ୍ରଦାନ ସହ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସେମାନଙ୍କ ଦାୟତ୍ୱ ନିର୍ବାହ ସମୟରେ କୋଭିଡ୍‌ଜନିତ ମୃତ୍ୟୁ ପାଇଁ ୫୦ ଲକ୍ଷ ଟଙ୍କାର

ଆର୍ଥିକ ସହାୟତା ଯୋଗାଇଦେବା ବ୍ୟବସ୍ଥା ଇତ୍ୟାଦି କୋଭିଡ୍ ବିରୁଦ୍ଧରେ ଓଡ଼ିଶାର ସଂଗ୍ରାମକୁ ସଶକ୍ତ କରିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କ୍ଲାଉଡ୍ ଭିତ୍ତିଭୂମି ଓ ଅଭିଗ୍ରହଣ କ୍ଷେତ୍ରରେ ସମ୍ମାନଜନକ ଜି କ୍ଲାଉଡ୍ ଏବଂ ଡାଟା ସେଣ୍ଟର ପୁରସ୍କାର ୨୦୨୦ ପାଇଥିବାରୁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି । ୫–'ଟି' କାର୍ଯ୍ୟକ୍ରମ ଅଧୀନରେ ଲୋକକୈନ୍ଦ୍ରିକ ପ୍ରଶାସନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆଧୁନିକ ଜ୍ଞାନକୌଶଳ ଆପଣାଇବାକୁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ଘୋଷଣା କରିଥିବା ମେଗା ପ୍ୟାକେଜ୍ ନେଇ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ଦୁର୍ଘଟଣା ବୀମା ସହ ମୃତ୍ୟୁ ପରବର୍ତ୍ତୀ ଆର୍ଥିକ ସହାୟତା, ଗୃହ ଓ ଗାଡ଼ି ଋଣରେ ରିହାତି ପରି ବିଭିନ୍ନ ସୁବିଧା ଉପଲବ୍ଧ ହେଉଛି ।

- ରାଜ୍ୟରେ କୋଭିଡ୍–୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ନଭେମ୍ବର ୨୬ ରୁ ୨୭ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୧୧ଟି ମାମଲା ଦାୟର କରାଯାଇଥିବାବେଳେ ୧୪ ଜଣ ବ୍ୟକ୍ତିଙ୍କୁ ଗିରଫ, ୩୯୧ ଟି ଗାଡ଼ି ଜବତ ଏବଂ ୧୩,୪୩,୬୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୫୭,୭୭,୫୭୦ ଟି ନମୁନା କୋଭିଡ୍–୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୧୭,୨୩୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୦୮,୮୩୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୭୧୮ ଜଣ କୋଭିଡ୍–୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬,୬୨୯ ରହିଛି ।
- ୬,୬୨୯ ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**